# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**25 August - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ମହିଳାମାନେ ଦେଶର ଅର୍ଥତନ୍ତ୍ରର ବଡ଼ ଶକ୍ତି; ଲକ୍ଷପତି ଦିଦିମାନଙ୍କ ସହ ଭାବବିନିମୟ କରି କହିଲେ ପ୍ରଧାନମନ୍ତ୍ରୀ

– ଜାରି କଲେ ଅଢ଼େଇ ହଜାର କୋଟି ଟଙ୍କାର ପାଣ୍ଠି; ୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ସହାୟତା ପ୍ରଦାନ

- ମହାକାଶ କ୍ଷେତ୍ରରେ ସଂସ୍କାର ଦ୍ୱାରା ଦେଶର ଯୁବବର୍ଗ ହୋଇଛନ୍ତି ଉପକୃତ; 'ମନ୍ କି ବାତ' କାର୍ଯ୍ୟକ୍ରମରେ କହିଲେ ପ୍ରଧାନମନ୍ତ୍ରୀ

– ବର୍ଷା ଜଳ ସଂରକ୍ଷଣ ଏବଂ "ଏକ୍ ପେଡ଼୍ ମା' କେ ନାମ୍" ଅଭିଯାନରେ ସାମିଲ ହେବାକୁ ଦେଲେ ଆହ୍ୱାନ

ଏବଂ

- ଦେଶବ୍ୟାପୀ ଆସନ୍ତାକାଲି ପାଳନ କରାଯିବ ଜନ୍ମାଷ୍ଟମୀ

– ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ନୀତିକାନ୍ତି

*Sonepur/PIB*

# ପ୍ରଧାନମନ୍ତ୍ରୀ - ଲକ୍ଷପତି ଦିଦି

ମହିଳାମାନେ ଦେଶର ଅର୍ଥତନ୍ତ୍ରର ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଦେଶର ୧୧ ଲକ୍ଷ ଲକ୍ଷପତି ଦିଦିଙ୍କ ସହିତ ମହାରାଷ୍ଟ୍ରର ଜଲଗାଓଁରେ ଭାବ ବିନିମୟ କରିବା ଅବସରରେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଏହି ଅଭିଯାନରେ ୧୦ କୋଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇଛନ୍ତି। ଏହି ମହିଳାମାନଙ୍କୁ ଡ୍ରୋନ୍ ମାଧ୍ୟମରେ ଚାଷକାର୍ଯ୍ୟ ଶିଖାଯାଉଛି। ସେହିଭଳି ପଶୁପାଳନ ପାଇଁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। କୃଷି ସଖୀ କାର୍ଯ୍ୟକ୍ରମରେ ଆଧୁନିକ ଶୈଳୀରେ ଚାଷ ସମ୍ବନ୍ଧିତ ପ୍ରଶିକ୍ଷଣ ଦିଆଯାଉଛି। ଏହା ମାଧ୍ୟମରେ ମହିଳା ମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ ସେମାନେ ଆତ୍ମନିର୍ଭରଶୀଳ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ ଆଜି ଲକ୍ଷପତି ଦିଦିମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଛନ୍ତି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅଢ଼େଇ ହଜାର କୋଟି ଟଙ୍କାର ପାଣ୍ଠି ଜାରି କରିଛନ୍ତି । ଏହାଦ୍ୱାରା ଦେଶରେ ୪୮ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ପ୍ରଧାନମନ୍ତ୍ରୀ ୫ ହଜାର କୋଟି ଟଙ୍କାର ବ୍ୟାଙ୍କ୍ ଋଣ ମଧ୍ୟ ଜାରି କରିଛନ୍ତି। ଏହାଦ୍ୱାରା ୨୫ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା

ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟମାନେ ଲାଭବାନ ହେବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ମହିଳା ହିତାଧିକାରୀମାନେ ସାମିଲ ହୋଇଥିଲେ। ଓଡ଼ିଶାର ୯୭ ହଜାର ୨୦୦ ଲକ୍ଷପତି ଦିଦି ମଧ୍ୟ ଏହି କାର୍ଯ୍ୟକ୍ରମ ଦ୍ୱାରା ଲାଭବାନ ହୋଇଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲାର ୬ଟି ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷପତି ଦିଦିମାନେ ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ ବ୍ଲକ ଅଧ୍ୟକ୍ଷ ୧୬ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ୧ କୋଟି ୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ୮୦ ଜଣ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

***Desk***

# ମନ୍ କି ବାତ୍

ମହାକାଶ କ୍ଷେତ୍ରରେ ସଂସ୍କାର ଦ୍ୱାରା ଦେଶର ଯୁବବର୍ଗ ଉପକୃତ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୨୩ ତାରିଖରେ ଦେଶବାସୀ ପ୍ରଥମ ଜାତୀୟ ମହାକାଶ ଦିବସ ପାଳନ କରିଥଲେ। ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ପରେ ଭାରତ ବିଶ୍ୱରେ ଏହି ସଫଳତା ହାସଲ କରିବାରେ ପ୍ରଥମ ରାଷ୍ଟ୍ର ଭାବେ ମାନ୍ୟତା ପାଇଛି। ମହାକାଶ ଇକୋ ସିଷ୍ଟମ ଅଧିକ ଗତିଶୀଳ ହୋଇଛି। ଦେଶର ଯୁବବର୍ଗ ଉପଯୁକ୍ତ

ସୁଯୋଗ ଏବଂ ମାର୍ଗଦର୍ଶନ ଖୋଜୁଛନ୍ତି ବୋଲି ସେ ଏହି ଅବସରରେ କହିଛନ୍ତି ।

'ହର୍ ଘର ତିରଙ୍ଗା' ଅଭିଯାନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଅଭିଯାନରେ ଦେଶର ବିଭିନ୍ନ ପ୍ରାନ୍ତର ଲୋକ ବହୁସଂଖ୍ୟାରେ ସାମିଲ ହୋଇ ଏହାକୁ ଏକ ସାମାଜିକ ପର୍ବରେ ପରିଣତ କରିଥିଲେ । ଜାମ୍ମୁକାଶ୍ମୀରର ରିଆସିଠାରେ ସର୍ବୋଚ୍ଚ ରେଳ ସେତୁ ଚେନ୍ନାବ ପୋଲ ଉପରେ ୭୫୦ମିଟର ଲମ୍ବ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା । ଦେଶକୁ ଏକତାର ସୂତ୍ରରେ ବାନ୍ଧିବାରେ ଏହା ଏକ ପ୍ରକୃଷ୍ଟ ଉଦାହରଣ ସୃଷ୍ଟି କରିଥିଲା ।

**- V/O -**

ବର୍ଷାଜଳ ସଂରକ୍ଷଣ ଏବଂ 'ଏକ ପେଡ଼ ମା' କେ ନାମ୍' ଅଭିଯାନରେ ଅଧିକରୁ ଅଧିକ ସାମିଲ ହେବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ସୁସ୍ଥ ରହିବାକୁ ହେଲେ ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଫିଟ୍ ଇଣ୍ଡିଆ ଅଭିଯାନ ସମ୍ପର୍କରେ ଜନସଚେତନତା ବୃଦ୍ଧି ସହ ସୁସ୍ଥ ରହିବା ଲାଗି ବୟସ ଏବଂ ଶ୍ରେଣୀ ନିର୍ବିଶେଷରେ ଦେଶବାସୀ ଯୋଗକୁ ଆପଣେଇବା ଏକ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ମାସରେ ସମଗ୍ର ଦେଶରେ ପୋଷଣ ମାସ ପାଳନ କରାଯିବ । ଶିଶୁଙ୍କ ପୋଷଣକୁ ପ୍ରାଥମିକତା ଦିଆଯାଉଛି ।

ପ୍ୟାରିସ୍ ଅଲମ୍ପିକ୍ସ ଖେଳାଳିଙ୍କୁ ହାସ୍‌ଟ୍ୟାଗ୍-୪ ଜରିଆରେ ପ୍ରୋତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଆଗାମୀ ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ, ଓନମ, ମିଲାଦ୍-ଉନ୍-ନବୀ ଏବଂ ତେଲୁଗୁଭାଷା ଦିବସ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

***Puri***

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପୁରୀ ଗସ୍ତ

କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖରେ ଓଡ଼ିଶା ଗସ୍ତ କରି ଶୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ସେ କହିଛନ୍ତି, ପୁରୀକୁ ଅତ୍ୟାଧୁନିକ ଆଧ୍ୟାତ୍ମିକ ସହର ଭାବେ ଗଢ଼ି ତୋଳିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ ଓ ଅଳଙ୍କାରଗୁଡ଼ିକର ଗଣତି, ମଣତି ସୁରୁଖୁରୁରେ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ସମ୍ବିତ ପାତ୍ରଙ୍କ ସମେତ ଅନ୍ୟ ବିଧାୟକମାନେ ଉପସ୍ଥିତ ଥିଲେ।

***Puri***

## ଶ୍ରୀମନ୍ଦିର- ଜନ୍ମାଷ୍ଟମୀ

ଦେଶବ୍ୟାପୀ ଆସନ୍ତାକାଲି ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଜନ୍ମାଷ୍ଟମୀ ପାଳନ କରାଯିବ। ଏଥିପାଇଁ ପୁରୀ

ଶ୍ରୀମନ୍ଦିରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆଜି ସନ୍ଧ୍ୟା ଆଳତି ସମୟରେ ଶ୍ରୀଜୀଉଙ୍କୁ ଛଅ ମୂର୍ତ୍ତି ଅଳଙ୍କାର ଲାଗି କରାଯିବ। ସନ୍ଧ୍ୟାଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବା ସହ ଟେରାବନ୍ଧା ହେବା ପରେ ମହାପ୍ରଭୁଙ୍କ ନିକଟରେ ଯେଉଡ଼ ଭୋଗ ଲାଗି ହେବ। ମୁଦିରସ୍ତ ସେବାୟତ ମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବେ।

***Malkangiri***

## ପ୍ରାଣୀଗଣନା ପ୍ରଶିକ୍ଷର ଶିବିର

ମାଲକାନଗିରି ଜିଲ୍ଲାର ମୁଣ୍ଡାଗୁଡ଼ାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଆଜି ୨୧ତମ ପ୍ରାଣୀଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଡାକ୍ତର ରତ୍ନାକର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୃହପାଳିତ ପଶୁପକ୍ଷୀଙ୍କ ସହିତ ଚିତ୍ରକୋଣ୍ଡା ବ୍ଲକରେ ଥିବା ସ୍ୱାଭିମାନ ଅଞ୍ଚଳର ପୋନି ପ୍ରଜାତିର ଘୋଡ଼ା ଓ ମୋଟୁ ପ୍ରଜାତିର ଗୋବଂଶ ଗଣନା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରାଣୀଗଣନା କାର୍ଯ୍ୟକ୍ରମରେ ଜିଲ୍ଲାର ୭ଟି ବ୍ଲକର ୧୧୧ ପଞ୍ଚାୟତ ପାଇଁ ୧୪ ଜଣ ସୁପରଭାଇଜର ଏବଂ ୪୫ ଜଣ ଗଣନାକାରୀଙ୍କୁ ମୁତୟନ କରାଯିବ।

***Sambalpur***

## ହୀରାକୁଦ ଜଳଭଣ୍ଡାର

ଉପରମୁଣ୍ଡରୁ ଜଳପ୍ରବାହ ବଢ଼ିବାରୁ ଆଜି ହୀରାକୁଦ ଜଳଭଣ୍ଡାର ଆଉ ୬ଟି ଗେଟ୍ ଖୋଲାଯାଇଛି। ପୂର୍ବରୁ ୧୪ଟି ଗେଟ୍‌ରେ ବନ୍ୟାଜଳ

ନିଷ୍କାସିତ ହେଉଥିବା ବେଳେ ଏବେ ମୋଟ୍ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୩ଟି ଏବଂ ଡାହାଣପାର୍ଶ୍ୱର ୭ଟି ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ଅଣଷଠୀ ହଜାର ୯୮୭ ଘନଫୁଟ ଜଳ ଛଡ଼ାଯାଉଛି।  ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ଆଜି ମଧ୍ୟାହ୍ନ ସୁଦ୍ଧା ୬୨୧ ଦଶମିକ ୯/୭ ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ଅଣଷଠୀ ହଜାର ୪୦୫ ଘନଫୁଟ ଜଳ ପ୍ରବେଶ କରୁଛି।

***MET***

# ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଆଜି ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ସମ୍ଭାବନା ଅଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ ବିଜ୍ଞାନୀମାନଙ୍କର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଦୁଇ ସପ୍ତାହରେ ରାଜ୍ୟରେ ସମୁଦାୟ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିବ। ରାଜ୍ୟର ଉପକୂଳ, ପଶ୍ଚିମ ଓ ଉତ୍ତର ଭାଗରେ ଅଧିକ ବର୍ଷାର

ସମ୍ଭାବନା ରହିଛି । ତେବେ ଚଳିତ ମୌସୁମୀ ଋତୁରେ ଗତ ଜୁନ୍ ୧ ତାରିଖରୁ ଆଜି ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ବର୍ଷାଠାରୁ କମ୍ ବର୍ଷା ହୋଇଛି । ଏହି ସମୟ ମଧ୍ୟରେ ୮୪୫ ଦଶମିକ ୮ ମିଲିମିଟର ସ୍ୱାଭାବିକ ବର୍ଷା ହେବାକୁ ଥିବାବେଳେ ସାରା ରାଜ୍ୟରେ ୭୬୪ ମିଲିମିଟର ବର୍ଷା ହୋଇଛି ।